**ଜଗନ୍ନାଥ ମନ୍ଦିରରେ ଦଧିନଉତି ସ୍ଥାପନ**

ଗୋପବନ୍ଧୁ ନଗର,(ଶାନ୍ତନୁ କୁମାର ମଡୁଆଲ)- ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଗୋହିରାଡିହା ଗ୍ରାମର ନୂତନ ଜଗନ୍ନାଥ ମନ୍ଦିରରେ ଗୁରୁବାର କଳସ ପ୍ରତିଷ୍ଠା ଓ ଦଧିନଉତି ସ୍ଥାପନ କରାଯାଇଛି। ମୁଖ୍ୟ ପୁରୋହିତ କମଳ ଲୋଚନ କରଙ୍କ ତତ୍ତ୍ୱାବଧାନରେ ଜଗତାନନ୍ଦ ହୋତା ଓ ମାନସ ରଞ୍ଜନ ହୋତା ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଦେବେନ୍ଦ୍ର ସାହୁ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ଅଜୟ କୁମାର ଦେ, ହରେନ୍ଦ୍ର ପାତ୍ର, ଅଶୋକ ସାହୁ, ସ୍ୱପ୍ନେଶ୍ୱର ବେହେରା, କମଳ ଲୋଚନ ଦାସ, ମନମୋହନ ସ, ଗୌର ହରି ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ମୟୂରଭଞ୍ଜ

# ସେନାରେ ଆଦିବାସୀଙ୍କୁ ପ୍ରାଥମିକତା ଦିଆଯିବ: ରାଜନାଥ

ବାରିପଦା, ୨୨।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବିଜୟ ସଂକଳ୍ପ ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଅନ୍ୟମାନେ।

### ବାରିପଦାରେ ଭାଜପାର ବିଜୟ ସଙ୍କଳ୍ପ ସମାବେଶ

ଅଟଳ ବିହାରୀ ବାଜପାୟୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦିବାସୀଙ୍କୁ ଅଧିକ ଶ୍ରଦ୍ଧା ଓ ସମ୍ମାନ ଦେଇଆସିଛନ୍ତି। ଏପରି କି ଜଣେ ଆଦିବାସୀ ମହିଳାଙ୍କୁ ଭାରତର ସର୍ବୋଚ୍ଚ ଆସନରେ ଅଧିଷ୍ଠିତ କରାଇପାରିଛନ୍ତି। ବିର୍ସାମୁଣ୍ଡାଙ୍କ ଜନ୍ମଦିନକୁ ଆଦିବାସୀ ଗୌରବ ଦିବସ ଭାବେ ପାଳନ କରାଯାଉଛି। ସେହି ଅନୁଯାୟୀ ସୀମା ସୁରକ୍ଷାରେ ଆଦିବାସୀମାନଙ୍କୁ ପ୍ରାଥମିକତା ଦିଆଯିବାକୁ ବ୍ୟବସ୍ଥା କରାଯାଉଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଜିଲା ବାରିପଦା ଛଉ ପଡ଼ିଆରେ ଗୁରୁବାର ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିରକ୍ଷା ମନ୍ତ୍ରୀ ସିଂହ ଏହା କହିଛନ୍ତି।

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଉତ୍ତର ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ବାଲେଶ୍ୱର ଜିଲାକୁ ନେଇ ଏହି ସମାବେଶ ଆୟୋଜିତ ହୋଇଥିବା ବେଳେ ଡବଲ ଇଞ୍ଜିନର ସରକାର ଗଠନ ପାଇଁ ରାଜନାଥ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ, ଓଡ଼ିଶାର ଲୋକେ ଏବେ ଡବଲ ଇଞ୍ଜିନ ସରକାର ଗଠନ ମନସ୍ଥ ହୋଇସାରିଲେଣି। କଂଗ୍ରେସକୁ ଟାର୍ଗେଟ କରି କହିଥିଲେ ଯେ, କଂଗ୍ରେସ ସମୟରେ ଆତଙ୍କବାଦ ବଢ଼ିଥିବା ବେଳେ ମୋଦି ସରକାର ସେଥିରେ ରୋକ୍ ଲଗାଇଛନ୍ତି। ଭାରତ ସହିତ ଯେଉଁ ଦେଶ ଲାଗିବ ସେହି ଦେଶକୁ ଏୟାର ଷ୍ଟ୍ରାଇକ୍ ଓ ସର୍ଜିକାଲ ଷ୍ଟ୍ରାଇକ୍ ମାଧ୍ୟମରେ ଉଚିତ ଜବାବ ଦିଆଯିବ। କ୍ଷମତାରେ ରହିବା ପାଇଁ ରାଜନୀତି କରୁନାହିଁ, ଦେଶ ଗଠନ ପାଇଁ ରାଜନୀତି କ୍ଷେତ୍ରକୁ ଓହ୍ଲାଇଛି ବୋଲି ରାଜନାଥ ସମବେତ ଭାଜପା କର୍ମୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ। ସ୍ୱାଧୀନତାର ୭୦ବର୍ଷ ପରେ ମଧ୍ୟ ଭାରତକୁ ଅନ୍ତଃରାଷ୍ଟ୍ରୀୟ କ୍ଷେତ୍ରରେ ସମ୍ମାନ ଦିଆଯାଉ ନ ଥିଲା। ୯ବର୍ଷର ମୋଦି ସରକାରରେ ପରିବର୍ତ୍ତନ ହୋଇ ଅନ୍ତଃରାଷ୍ଟ୍ରୀୟ କ୍ଷେତ୍ରରେ ଭାରତ କହୁଥିବା କଥାକୁ ସମସ୍ତ ଦେଶ ଗୁରୁତ୍ୱ ଦେଇ ଶୁଣୁଛନ୍ତି। ଏହା କେବଳ ମୋଦି ସରକାରରେ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ। ଓଡ଼ିଶାରେ ଭାଜପା ସରକାର ଗଠନ ହେଲେ ପୁନର୍ବାର ବାରିପଦା ମାଟିକୁ ଆସି ମୁଣ୍ଡ ନୁଆଁଇ ସମ୍ମାନ ଜଣାଇବି ବୋଲି ସେ କହିଥିଲେ। ତେବେ ବିଜେଡି ସରକାରଙ୍କ ଦୋଷ ଦୁର୍ବଳତା ବିଷୟରେ ସେ ପଦୁଟିଏ କଥା କହି ନ ଥିବା ଦେଖିବାକୁ ମିଳିଥିଲା।

ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ.ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝି, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, ବଡ଼ସାହି ବିଧାୟକ ସନାତନ ବିଜୁଳି, ଯଶିପୁର ବିଧାୟକ ଗଣେଶ ରାମସିଂ ଖୁଣ୍ଟିଆ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ନବୀନ ରାମ, ଡ.କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା ସଭାପତି(ପୂର୍ବ) କାନ୍ଦରା ସୋରେନ, ଅଭିମନ୍ୟୁ ସେଠୀ, ସାରସକଣା ବିଧାୟକ ଡା.ବୁଢ଼ାନ ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢ଼େଇଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

# ଘରେ ପଶି ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ମାଡ଼

ଉଦଳା, ୨୨।୨
(ସନ୍ତୋଷ କୁମାର ବାଛିନୀ)

ଉଦଳା ଥାନା ଅଧୀନ କୁଆଁରପାଳ ଗ୍ରାମରେ ରହୁଥିବା ନୀଳଗିରି ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳଙ୍କୁ କେତେଜଣ ଯୁବକ ଘରେ ପଶି ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୭୬/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ସାଢେ ୧୦ଟା ସମୟରେ କୁଆଁରପାଳ ଅଞ୍ଚଳର ଯୁବକମାନେ ଅଧିକ ସାଉଣ୍ଡରେ ଡିଜେ ବଜାଇ ଭସାଣି ଶୋଭାଯାତ୍ରାରେ ଯାଉଥିଲେ। ସେହି ସମୟରେ ଘରେ ଥିବା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଶ୍ୱାଳ ଡିଜେ ବନ୍ଦ କରିବାକୁ କହିଥିଲେ। କିଛି ସମୟ ପରେ ପୋଲିସ ସେଠାରେ ପହଞ୍ଚି ଡିଜେ ବନ୍ଦ କରିଥିଲା। ତେବେ ପୋଲିସ ଯିବା ପରେ ଉତ୍ତ୍ୟକ୍ତ ଯୁବକମାନେ ଘରେ ପଶି ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଶ୍ୱାଳଙ୍କ ସମେତ ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ମାଡ଼ ମାରିଥିଲେ। ଉଦଳା ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଏ ନେଇ ବିଶ୍ୱାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ

ଖୁଣ୍ଟା(ଦେବରଞ୍ଜନ ବେହେରା)/ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଡୁଆଲ), ୨୨।୨:

ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ୨ୟ ଦିନରେ ପହଞ୍ଚିଛି। ଏହି କର୍ମଚାରୀମାନେ ନିଜ ନିଜ ଜୀବନକୁ ବାଜି ଲଗାଇ ବିଭିନ୍ନ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଥିବା ବେଳେ ସରକାର ସେମାନଙ୍କ ସମସ୍ୟା ପ୍ରତି ଉଦାସୀନ ମନୋଭାବ ପୋଷଣ କରନ୍ତି। ପ୍ରତିବାଦରେ ଆନ୍ଦୋଳନ କରାଯାଇଥିବା ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ସଂଘ ପକ୍ଷରୁ କୁହାଯାଇଛି। ଅଗ୍ନିକ, ଆଗ୍ନିକ ଗାଡ଼ି ଚାଳକ ଓ ହାବିଲଦାରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଛନ୍ତି।

# ବ୍ରହ୍ମପୁରା ହାଇସ୍କୁଲ ଆଲୁମ୍‌ନି ଆସୋସିଏଶନ ପୁରସ୍କୃତ

ବୈଶିଙ୍ଗା(ରତନ ଦାଶ)/
ବେତନଟୀ(ଧରଣୀଧର ମହାନ୍ତି), ୨୨।୨

ବୈଶିଙ୍ଗା ଥାନା ଅନ୍ତର୍ଗତ ବ୍ରହ୍ମପୁରା ହାଇସ୍କୁଲ ଆଲୁମିନି ଆସୋସିଏଶନକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ବାରିପଦାଠାରେ ଆୟୋଜିତ ଜିଲାସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବିଧାୟକ ରାଜକିଶୋର ଦାସ, ବୁଢାନ ମୁର୍ମୁଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଆଲୁମ୍‌ନି ଆସୋସିଏସନ ସମ୍ପାଦକ ପୁନିତ କ୍ରିଷ୍ଣା ସାହୁ ଓ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମମତା ମୁର୍ମୁଙ୍କୁ ପୁରସ୍କୃତ କରାଯାଇଥିଲା।

# ବେତନଟୀରେ ହିମାଚଳ ପ୍ରଦେଶ ବନ ବିଭାଗ ଟିମ୍

ବେତନଟୀ, ୨୨।୨(ଧରଣୀଧର ମହାନ୍ତି)

ହିମାଚଳ ପ୍ରଦେଶ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ବେତନଟୀ ରେଞ୍ଜ ପରିଦର୍ଶନ କରି ଫେରିଯାଇଛନ୍ତି। ଏହି ଟିମ୍‌ରେ ଡିଏଫ୍‌ଓ, ଏସିଏଫ୍ ଓ ରେଞ୍ଜ ଅଫିସରମାନେ ସାମିଲ ଥିଲେ। ଏହି ଟିମ୍ ବେତନଟୀ ରେଞ୍ଜ ଅଧୀନ ମେରଦା ପଞ୍ଚାୟତର ବର୍ତ୍ତନା ଗ୍ରାମଠ୍ରେ ଚାଲିଥିବା ଏକ ଶାଳପତ୍ର କ୍ଲଥ ଷ୍ଟୋର ବୁଲି ଦେଖିଥିଲେ। ସେଠାରେ କିଭଳି ଶାଳପତ୍ରରୁ ଦୋନା ପତ୍ର ମହିଳାମାନେ ପ୍ରସ୍ତୁତ କରୁଛନ୍ତି ସେହି ବିଷୟରେ ମହିଳାମାନଙ୍କୁ ପଚାରି ବୁଝିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହ ହିମାଚଳ ପ୍ରଦେଶ ବନ ବିଭାଗ ଟିମ ଏକ ବୈଠକରେ ମଧ୍ୟ ଯୋଗ ଦେଇଥିଲେ। ବାରିପଦା ଏସିଏଫ୍ ଅରୁଣ ବିଶ୍ୱାଳ, ବେତନଟୀ ରେଞ୍ଜ ଅଫିସର ମନୋଓ୍ୱର ଖାଁ , ବେତନଟୀ ଫରେଷ୍ଟର ପ୍ରଶାନ୍ତ ସିଂ ସାମନ୍ତ, ବଡାମପୁର ଫରେଷ୍ଟର ଦୀପକ ପାତ୍ର, ଫରେଷ୍ଟ ବାର୍ଡ ଉତ୍ତମ କୁମାର ଦାସ, ରତିକାନ୍ତ ବେହୁରିଆ,ସୁବାଶିଷ ସାହୁ, ନିହାର ସାମଲ ପ୍ରମୁଖ ବନ ବିଭାଗର ଅଧିକାରୀମାନେ ଏହି ପରିଦର୍ଶନରେ ସହଯୋଗ କରିଥିଲେ।

# ଆଦି ବଜାର-୨୦୨୪ ଉଦ୍‌ଘାଟିତ

ମୋରଡ଼ା,୨୨।୨(ସ୍ମାରକ ମାଜୀ)



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ମୟୂରଭଞ୍ଜ ଜିଲା ମୋରଡ଼ା ଅଧୀନ ବ୍ଲକ ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆରେ ଆଦି ବଜାର-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ସଂସ୍କୃତି ବିଭାଗ ଅଧୀନରେ ଥିବା ଟ୍ରାଇଫେଡ୍‌ର ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଥମ ଦିନର ସନ୍ଧ୍ୟାରେ ଅତିଥିମାନଙ୍କୁ ଘୋଡ଼ା ନାଚ ଓ ଆଦିବାସୀ ନୃତ୍ୟ ଦ୍ୱାରା ଜଗନ୍ନାଥ ମନ୍ଦିର ନିକଟରୁ ମଞ୍ଚକୁ ପାଛୋଟି ନିଆଯାଇଥିଲା। ମୁଖ୍ୟ ଅତିଥିଭାବେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ମହାରାଜା ପ୍ରବୀଣଚନ୍ଦ୍ର ଭଞ୍ଜଦେଓ, କେନ୍ଦ୍ର ଟ୍ରାଇଫେଡ୍‌ର ଆଞ୍ଚଳିକ ମ୍ୟାନେଜର ରାହୁଲ କୁମାର, ମୋରଡ଼ା ବିଡିଓ ଅଣାକର ନାଏକ, ବ୍ଲକ ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ପୂର୍ବତନ ଅଧ୍ୟକ୍ଷ ବୈଦ୍ୟନାଥ ମହାନ୍ତ, ବରିଷ୍ଠ ଭାଜପା ନେତା ଛୋଟେଲାଲ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ହରେନ୍ଦ୍ର ମହାନ୍ତଙ୍କ ପରିଚାଳନାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାଚୀନ କାଳରୁ ଆଦିବାସୀମାନଙ୍କ ଦ୍ୱାରା ତିଆରି ହେଉଥିବା ବିଭିନ୍ନ ହସ୍ତତନ୍ତ ସାମଗ୍ରୀର ଅନ୍ତର୍ଜାତୀୟ ବଜାରରେ ଚାହିଦା ଏବଂ ସେମାନଙ୍କ ଜୀବନଶୈଳୀକୁ ଉନ୍ନତ କରିବା ଆଦି ବଜାରର ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତ ଦେଇଥିଲେ। ପରେ ଜଗତସିଂହପୁର ଜିଲାରୁ ଆସିଥିବା କଳାକାରଙ୍କ ଦ୍ୱାରା ଘୋଡା ନାଚ ପରିବେଷଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଷ୍ଟଲ ପ୍ରଦର୍ଶିତ ହୋଇଛି। ତେବେ ବିଡିଓ ନାଏକ ମଞ୍ଚରେ ନିଜର ଅଭିଭାଷଣ ନ ଦେବା ଆଲୋଚ୍ୟର ବିଷୟ ପାଲଟିଛି।

## ଭଦ୍ରକ

# ରାସ୍ତା ଶିଳାନ୍ୟାସ

ବାସୁଦେବପୁର, ୨୨।୨ (ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତର ରତାଙ୍ଗରେ ଏକ ନୂତନ ରାସ୍ତା ପାଇଁ ଶିଳାନ୍ୟାସ କରାଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଅତିଥି ଭାବେ ଯୋଗଦେଇ ଜାମୁଝାଡ଼ି-କ୍ଷୀରକୋଣା ଆର୍‌ଡି ରାସ୍ତାଠାରୁ ଭାୟା ରତାଙ୍ଗ ପିଡବ୍ଲୁଡି ରାସ୍ତାର ଶିଳାନ୍ୟାସ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ସୂର୍ଯ୍ୟକାନ୍ତ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହେଉଥିଲା।

# ଶିକ୍ଷାବିତ୍‌ଙ୍କ ପରଲୋକ

ବନ୍ତ, ୨୨।୨(ହରିନାରାୟଣ ମହାନ୍ତି)-ଭଦ୍ରକ ଜିଲା ବନ୍ତ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ, ସାମାଜିକ କର୍ମୀ ଚାରୁଚନ୍ଦ୍ର ନାୟକ(୮୫)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଛି। ସେ କଟକରେ ମଝିଆ ପୁତ୍ରଙ୍କ ପାଖରେ ରହି ଘରୋଇ ଚିକିତ୍ସାରେ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ସେ ତରାପୁର ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରୁ ୧୯୯୯ରେ ଚାକିରିରୁ ଅବସର ନେଇଥିଲେ। ବନ୍ତ ଲକ୍ଷ୍ମୀପୂଜା କମିଟିର ଉପଦେଷ୍ଟା, ଚାରୁଚନ୍ଦ୍ର ଇଂଲିଶ ମାଧ୍ୟମିକ ବିଦ୍ୟାଳୟ ଓ ଚାରୁ ସାବିତ୍ରୀ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସଭ୍ୟ ଥିଲେ। ତାଙ୍କ ବିୟୋଗରେ ବନ୍ତ ବଜାରରେ ସମସ୍ତ ଦୋକାନ ବନ୍ଦ ରହିଥିଲା। ବନ୍ତସ୍ଥିତ ବାସଭବନରେ ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀ, କେନ୍ଦୁଆପଦା ସରପଞ୍ଚ ଇଂ. ପ୍ରମୋଦ ଜେନା, ପୂର୍ବତନ ସରପଞ୍ଚ କୃପାସିନ୍ଧୁ ସେଠୀ, ଆଇନଜୀବୀ ମାଧବାନନ୍ଦ ଦାସ, ସମବାୟ ସମିତି ସଭାପତି ଅଜୟ ନାୟକ, ସାମାଜିକ କର୍ମୀ କମଳାକାନ୍ତ ସାହୁ ପ୍ରମୁଖ ପହଞ୍ଚି ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ବୁଧବାର ରାତିରେ ତାଙ୍କ ମରଶରୀର ବନ୍ତରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ବନ୍ତ ବଜାର ଓ ତାଙ୍କ ଜନ୍ମମାଟି ଗଭରପୁର ଗ୍ରାମ ପରିକ୍ରମା କରାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା।

# ଘଣ୍ଟାଏ ରେଳ ଧାରଣାରେ ଫସି ରହିଲେ ଲୋକେ

### ତାର ଛିଣ୍ଡିବାରୁ ପଡ଼ିଗଲା ରେଳ ଫାଟକ

ଭଦ୍ରକ,୨୨।୨(ସନାତନ ରାଉତ)



ତାର ଛିଣ୍ଡି ପଡ଼ିବାରୁ ରେଳ ଫାଟକ ଖସିପଡ଼ିଲା। ଲୋକେ ପାରି ହୋଇ ନ ପାରି ରେଳ ଧାରଣା ମଝିରେ ୧ ଘଣ୍ଟା ଫସି ରହିଥିଲେ। ଜଗୁଆଳି ଆସି ଫାଟକ ଉଠାଇବା ପରେ ଲୋକେ ରେଳ ଧାରଣା ପାରି ହୋଇଥିଲେ। ଫଳରେ ଲୋକେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଗୁରୁବାର ମଧ୍ୟାହ୍ନରେ ଭଦ୍ରକ ଚରମ୍ପା ରେଳ ଷ୍ଟେଶନ ବାମପଟେ ଥିବା ରେଳ ଫାଟକ ନିକଟରେ ଏଭଳି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଷ୍ଟେଶନ ବାମପଟେ ଥିବା ୧୧୯ ନମ୍ବର ତାରିଣୀ ଫାଟକ ମଧ୍ୟାହ୍ନ ୧୨ଟା ବେଳେ ବନ୍ଦ ଥିବାରୁ ବହୁ ଲୋକ ଅପେକ୍ଷା କରିଥିଲେ। ଏକ ମାଲବାହୀ ଟ୍ରେନ୍ ପାସ୍ ହେବା ପରେ ରେଳ କର୍ମଚାରୀ ଫାଟକ ଖୋଲିଥିଲେ। ଲୋକେ ରେଳ ଧାରଣା ପାରି ହେଉଥିବା ସମୟରେ ତାର ଛିଣ୍ଡି ଯିବାରୁ ଗୋଟିଏ ପଟେ ଫାଟକ ଖସି ପଡ଼ିଥିଲା। ପରେ ଗେଟ୍ ଲକ୍ ହୋଇଯାଇଥିଲା। ଫଳରେ ରେଳ ଧାରଣା ମଝିରେ ଶହେରୁ ଊର୍ଦ୍ଧ୍ୱ ଲୋକ ଫସି ରହିଥିଲେ। ପରେ ରେଳ ଫାଟକ ଜଗୁଆଳି ଓ ପିଡବ୍ଲୁଆଇ କର୍ମଚାରୀ ଆସି ଫାଟକକୁ ଟେକି ଧରିବାରୁ ଲୋକେ ପାରି ହୋଇଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବହୁ ଦିନରୁ ଲାଗିଥିବା ଫାଟକର ସ୍ଥିତି ତନଖି କରାଯାଉ ନାହିଁ କି ଆବଶ୍ୟକ ମରାମତି ମଧ୍ୟ କରାଯାଉ ନାହିଁ। ଉକ୍ତ ରାସ୍ତାରେ ସବୁବେଳେ ଲୋକେ ଯାତାୟାତ କରୁଥିବା ବେଳେ ଏହା ରେଳ ବିଭାଗର ଦାୟିତ୍ୱହୀନତା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଷ୍ଟେଶନ ମ୍ୟାନେଜର ସୁବାସ ସାହୁ ଏହାକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଟ୍ରାକ୍‌ରେ କାମ ଯୋଗୁ ଫାଟକ ପକାଯାଇଥିଲା। ଲୋକେ ଅପେକ୍ଷା ନ କରି ଫାଟକ ଟେକି ରେଳ ଧାରଣା ପାରି ହେଉଥିଲେ।

# ଅଗ୍ନିବିପନ୍ନଙ୍କୁ ସହାୟତା

ଧାମନଗର, ୨୨।୨ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ବାଘୁଆରି ଗ୍ରାମର ସୌଗନ୍ଧ ମହାନ୍ତି ଓ ଜ୍ୟୋତି ପ୍ରକାଶ ମହାନ୍ତିଙ୍କ ୬ ବଖରା ଘର ଅଗ୍ନିକାଣ୍ଡରେ ଜଳିଯାଇଥିଲା। ଅଗ୍ନିବିପନ୍ନ ଖରା, କାକରରେ ଦିନରାତି କାଟୁଥିବା ବେଳେ ଗୁରୁବାର ତିହିଡ଼ି ଅଞ୍ଚଳର ଗୋବବନ୍ଧୁ ସେବା ସଂଘ ସହାୟତାର ହାତ ବଢ଼ାଇଛି। ଅଗ୍ନିବିପନ୍ନ ପରିବାରକୁ ୨୦ ଦିନ ପାଇଁ ରନ୍ଧାଖାଦ୍ୟ ସାମଗ୍ରୀ, ଶାଢ଼ି, ସପ ଓ ଅନ୍ୟାନ୍ୟ ସାମଗ୍ରୀ ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ସଭାପତି ରାଜୀବ ନାୟକଙ୍କ ସମେତ ଦୀପକ ପରିଡ଼ା, ଜନ୍ମେଜୟ ସିଂହ, ହେମନ୍ତ ମଲ୍ଲିକ, ନିରାକାର ମଲ୍ଲିକ, ବାବୁରାମ ଦାସ, ପରମେଶ୍ୱର ପାଢ଼ୀ, ତୃପ୍ତି ରଞ୍ଜନ ଭଟଚାର୍ଯ୍ୟ, ଶେଖ୍ ଲିୟକତ, ଅଶୋକ ନାୟକ, ନାରାୟଣ ଚନ୍ଦ୍ର ନାୟକ, ମାନସ ସାହୁ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

# ସରକାରୀ ଯୋଜନା ସଚେତନତା

ଭଣ୍ଡାରିପୋଖରୀ, ୨୨।୨
(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ୪ ପଞ୍ଚାୟତରେ ସରକାରୀ ଯୋଜନା ତଥା 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଅମୂଲ୍ୟ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବିଡିଓ ଦେବଦତ୍ତ ଦାଶ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ପିଇଓ ନରେନ୍ଦ୍ର ରାଉତ, ମାନସ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସରସଦା ପଞ୍ଚାୟତର ତୁଳସୀପୁରଠାରେ ସରପଞ୍ଚ ରମେଶ ଚନ୍ଦ୍ର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ ଯୋଗ ଦେଇଥିଲେ। ସମିତିସଭ୍ୟା କମଳା ଜେନାଙ୍କ ସମେତ ଏମ୍‌ବିକେ, ସିଆର୍‌ପି ଓ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଷୋଳମପୁର ପଞ୍ଚାୟତର ଖପୁରିଆପଦାଠାରେ ସରପଞ୍ଚ ପରମାନନ୍ଦ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଯୋଗଦେଇ ମୁଖ୍ୟମନ୍ତ୍ରୀ ସର୍ବଦା ଓଡ଼ିଶାବାସୀଙ୍କ ସେବା ପାଇଁ ସମର୍ପିତ ବୋଲି କହିଥିଲେ। ମୁକୁନ୍ଦ ଚରଣ ମଲ୍ଲିକ, ନାରାୟଣ ଚନ୍ଦ୍ର ଦାସ, ନରହରି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଝୁଟଣା ପଞ୍ଚାୟତରେ ସରପଞ୍ଚ ବାସନ୍ତୀ ଜେନା ଓ ସମିତିସଭ୍ୟ ଦୀପୁ ରଞ୍ଜନ ରାଉତଙ୍କ ସଂଯୋଜନାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସାମଲ ଯୋଗ ଦେଇଥିବା ବେଳେ ଜିଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ପିଇଓ ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# 'ଛାତ୍ରୀମାନେ ମାନସିକ ସ୍ତରରେ ସୁଦୃଢ଼ ହୁଅନ୍ତୁ'

ଭଦ୍ରକ,୨୨।୨ (ସନାତନ ରାଉତ)- ଭଦ୍ରକ କଲେଜର ପ୍ରତିଚୀ ଛାତ୍ରୀନିବାସରେ ବାର୍ଷିକୋତ୍ସବ ଅନୁଷ୍ଠିତ କରାଯାଇଛି। ତତ୍ତ୍ୱାବଧାରକ ଡ. ଲକ୍ଷ୍ମୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାଶ ଯୋଗଦେଇ ସମାଜକୁ ଶିକ୍ଷିତ କରାଇବାରେ ଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ. କମଳାକାନ୍ତ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନେ ମାନସିକ ସ୍ତରରେ ସୁଦୃଢ଼ ହୋଇ ସୁନ୍ଦର ଭବିଷ୍ୟତ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ. ସନ୍ତୋଷ କୁମାର ସେଠୀ, ଡ. ଅଜିତ କୁମାର ଦାସ ଓ ଡ. ଅଶୋକ କୁମାର ଦାସ ବକ୍ତବ୍ୟ ରଖିଥିଲେ। ସହ ତତ୍ତ୍ୱାବଧାରିକା ଡ. ମନୋରମା ନାୟକ, ସୁବର୍ଣ୍ଣା ମଞ୍ଜରୀ ଦାସ ଓ ସମ୍ପାଦିକା ଶୁଭସ୍ମିତା ରାଉତ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରିୟଦର୍ଶିନୀ ଧଳ ଓ ରଚନା ଜେନା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


ଭଦ୍ରକ କଲେଜର ପ୍ରତିଚୀ ଛାତ୍ରୀନିବାସରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

# ୪ ଲେନ୍ ହେଉ ଭଦ୍ରକ-କରଞ୍ଜିଆ ରାସ୍ତା

### କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲେ ପଞ୍ଚାନନ

ଭଦ୍ରକ,୨୨।୨ (ସନାତନ ରାଉତ)


ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ ରାଉତ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭଦ୍ରକରୁ କରଞ୍ଜିଆ ରାସ୍ତାକୁ ୪ ଲେନ୍ କରାଯିବା ପାଇଁ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ ରାଉତ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟି ଦାବି ଜଣାଇଛନ୍ତି। ସେ ବୁଧବାର ସନ୍ଧ୍ୟାରେ ଦିଲ୍ଲୀସ୍ଥିତ କେନ୍ଦ୍ରମନ୍ତ୍ରୀଙ୍କ ବାସଭବନରେ ଭେଟି ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ଏହି ରାସ୍ତା ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ଗମନାଗମନ ଆହୁରି ସୁବିଧା ହେବା ସହ ଦୁର୍ଘଟଣା ହ୍ରାସ ହୋଇପାରିବ। ପ୍ରତ୍ୟେକ ଦିନ ଏହି ରାସ୍ତାରେ ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ଲୋକେ ଯାତାୟାତ, ମାଲ ପରିବହନ ପାଇଁ ନିର୍ଭର କରନ୍ତି। ସିଙ୍ଗଲ ରୋଡ୍ ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନ ଜୀବନହାନି ହେଉଛି। ବହୁ ସଂଖ୍ୟକ ବାଲି ବୋଝେଇ ଟ୍ରକ୍ ଓ ଆଇରନ ବୋଝେଇ ଟ୍ରକ୍ ଉକ୍ତ ରାସ୍ତାରେ ଚଳାଚଳ କରୁଥିବାରୁ ରାସ୍ତା ଜାମ୍ ହେବା ସହ ଦୁର୍ଘଟଣା ଘଟୁଛି ବୋଲି ସେ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲେ।

# ବିଦ୍ୟାଳୟର ବାର୍ଷିକୋତ୍ସବ

ଚାନ୍ଦବାଲି,୨୨।୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସିର ବରେହିଁପୁରସ୍ଥିତ ସାଇ ସୋଫିଆ ପବ୍ଲିକ ସ୍କୁଲର ୫ମ ବାର୍ଷିକୋତ୍ସବ ସ୍ଥାନୀୟ କାଳୀପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ବଳରାମ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ଅଧ୍ୟାପକ ଶାନ୍ତନୁ କୁମାର ମହାନ୍ତି, ସ୍କୁଲ ଟ୍ରଷ୍ଟ ବୋର୍ଡ ମେମ୍ବର ଖଗେଶ୍ୱର ବଳ, ସ୍କୁଲ କମିଟି ଚେୟାରମ୍ୟାନ ସନ୍ତୋଷ କୁମାର ସାମଲ, ସ୍କୁଲ ଚେୟାରମ୍ୟାନ ଦିଲୀପ କୁମାର ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

